ତହସିଲ କାର୍ଯ୍ୟାଳୟ, ଟିକାବାଲି

OFFICE OF THE TAHASILDAR, TIKABALI Phone No.06847-263965

P.O: TIKABALI, DIST: KANDHAMAL (ODISHA) E-mail: tdrtikabali@yahoo.co.in

Letter No. 2837 Date: 08.11.18

To

The Deputy Director (Advertisement)-cum-
Deputy Secretary to Govt., I&P.R Deptt.
Odisha, Bhubaneswar.

Sub: Publication of Advertisement for 5 (five) year lease of Sairat Sources under Tikabali Tahasil for the year 2018-19 to 2022-23.

Sir,

In enclosing herewith the advertisement of Sairat sources of Tikabali Tahasil of Kandhamal district, I am to request you for publication of the same at an early date in two Odiya daily news paper having circulation in Kandhamal district for wide publicity. The soft copy of the Advertisement is also submitted to the e-mail ID : ipr.advt@gmail.com with copy to iprnews@gmail.com

Yours faithfully,

Encl : As above.

08.11.18
TAHASILDAR, TIKABALI

# ତହସିଲଦାରଙ୍କ କାର୍ଯ୍ୟାଳୟ , ଟିକାବାଲି

ବିଜ୍ଞପ୍ତି ସଂଖ୍ୟା ୬୮୩୮ ତାରିଖ ୦୮.୧୧.୧୮

## ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଟିକାବାଲି ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ଦୀର୍ଘ ମିଆଦି ଲିଜ ବି-ଦ୍ର-୫ (ପାଞ୍ଚ) ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ତହସିଲଦାର, ଟିକାବାଲି ଙ୍କ ଦ୍ୱାରା କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment ) Rules -୨୦୧୬ ର Form-A ପୂରଣ କରି ଏହାର ୩ (ତିନି) କିତା ନକଲ ସହ ନିମ୍ନ ଲିଖିତ ଦଲିଲ ଦସ୍ତାବିଜ ଜଉମୁଦ ଖୋଲ (Sealed Cover) ରେ ଆସନ୍ତା ତାରିଖ-**୧୫.୧୧.୨୦୧୮** ଠାରୁ **୩୦।୧୧।୨୦୧୮** ରିଖ ଅପରାହ୍ନ **୫.୦୦** ଘଣ୍ଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷକାରୀଙ୍କ କାର୍ଯ୍ୟାଳୟ ରେ ଥିବା ବିସର୍ଜନ ଡବା (Drop Box ) ରେ ପକାଇବେ । ତା ପରଦିନ ତା – ୦୧.୧୨.୨୦୧୮ ରିଖ ଦିନ ଦିବା ୧୧ .୦୦ **ଘଣ୍ଟା** ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତ ରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯଦି ସଇରାତ ଉତ୍ସ ପାଇଁ ଆବେଦନ ପତ୍ର ଆଦୌ ମିଳି ନ ଥିବ ତେବେ ଉକ୍ତ ସଇରାତ ଉତ୍ସ ଦିତୀୟ ଓ ତୃତୀୟ ଦଫା ରେ ଲିଜ ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତା.**୦୫।୧୨।୨୦୧୮** ଏବଂ **୧୬.୧୨.୨୦୧୮** ରିଖ-**୧୨.୦୦** ଘଣ୍ଟିକା ଅଟେ । ଦ୍ୱିତୀୟ ଓ ତୃତୀୟ ଦଫାରେ ମିଳିଥିବା ସମସ୍ତ ଦରଖାସ୍ତ କୁ ଲିଜ ନିମନ୍ତେ ଯଥାକ୍ରମେ **୦୬.୧୨.୨୦୧୮** ଏବଂ **୧୮.୧୨.୨୦୧୮** ଦିବା **୧୨.୦୦** ଘଣ୍ଟା ସମୟରେ ତହସିଲଦାର ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲାଯିବ । କୌଣସି କାରଣ ନ ଦର୍ଶାଇ ନିଲାମ ସ୍ଥଗିତ ବା ରଦ୍ଦ କରାଇବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି ।

### ଦାଖଲ କରିବାକୁ ଥିବା ଦଲିଲ / ଦସ୍ତାବିଜ –

୦୧. ଦରଖାସ୍ତ ମହାସୁଲ (Fee) ସକାଶେ ଟ. ୧୦୦୦ .୦୦ ଙ୍କା( ଏକ ହଜାର ଟଙ୍କା) ର ଟ୍ରେଜରି ଚାଲାଣ ।
୦୨. ଆବେଦନ କରି ଥିବା ଲିଜ ଜମିର ସମ୍ପୂର୍ଣ ବିବରଣୀ ଏବଂ ନକ୍ସା ।
୦୩. କୌଣସି Mining ପାଉଣା ବକେୟା ନଥିବା ନେଇ ଏକ ସତ୍ୟପାଠ । ।
୦୪. ଆବେଦନକାରୀଙ୍କ Solvency ପ୍ରମାଣ ପତ୍ର, ଅନ୍ୟାନ ସ୍ଥାବର, ଅସ୍ଥାବର ସମ୍ପତି ର ବିବରଣୀ ।
୦୫. ଅନ୍ୟାନ ବିବରଣୀ ଯଥା ବୈଷୟୀକ ଜ୍ଞାନ , ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି ।
୦୬. VAT /GST Clearance Certificate ର ନକଲ ।

### ସର୍ତାବଳୀ

୦୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୦୪ ଏବଂ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ନିୟମ ୨୦୧୬ ପରିସର ଭୁକ୍ତ ରହିବେ ।

୦୨. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ ଆନୁସଙ୍ଗିକ ବ୍ୟବସ୍ଥା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ଅଂଶଗ୍ରହଣ କରିବେ । ଯେଉ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ, ସେଥିରେ ଲିଜରେ ନେଇଥିବା ବ୍ୟକ୍ତି ଉତ୍ସ ଗୁଡିକ ଗମନା ଗମନର ବ୍ୟବସ୍ଥା ନିଜ ଦାୟୀତ୍ୱରେ କରିବେ ।

୦୩. ଲିଜରେ ଲଘୁ ଖଣିଜ ଦ୍ରବ୍ୟର ଚଳାଇବା ସମ୍ପର୍କ ରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଏହାର ପରିଚାଳନା ଦାୟୀତ୍ୱ ସମ୍ପୂର୍ଣ ରୂପେ ଲିଜ ଧାରୀଙ୍କର ।

୦୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନହିଁ ।

୦୫. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ ଲିଜଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

୦୬. ସର୍ବୋଚ ନିଲାମଧାରୀ ଦୁଇ ମାସ ମଧ୍ୟରେ Mining Plan and Environmental Clearance ନିଜ ଖର୍ଚ୍ଚ ରେ ପଇଠ କରିବେ । ଅନ୍ୟଥା ସେ ପଇଠ କରିଥିବା ଅମାନତ ରାଶି ବାଜ୍ୟାପ୍ତ କରାଯିବ ଏବଂ ଦିତୀୟ ସର୍ବୋଚ୍ଛ ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।

୦୭. Mining Plan ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀ ଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି ପରିବେଶ ମଞ୍ଜୁର (Environmental Clearance) ଆଣି ସାରିଲା ପରେ ପଇଠ କରିବେ । ସମ୍ପୂର୍ଣ ରାଶି ପଇଠ ହେଲାପରେ ଲିଜଧାରୀ Registration Act, ୧୯୦୮ ଏବଂ Act, ୧୯୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed ) ସମ୍ପାଦନ କରିବେ ।

୦୮. ଉପରୋକ୍ତ ୭ ନମ୍ବର ପଇଣ୍ଟ ରେ ଧାର୍ଯ୍ୟ ହୋଇଥିବା ରୟାଲଟି ଓ ଅନ୍ୟାନ୍ୟ ସରକାର ଦେୟ ର ୧୦ % ରାଶି ସର୍ବୋଚ ନିଲାମଧାରୀ ସେହି ଦିନ ତତକ୍ଷଣାତ ନଗଦ ଟଙ୍କା କିମ୍ବା DD ଆକାର ରେ ପଇଠ କରିବେ ଅନ୍ୟଥା ଦିତୀୟ ସର୍ବୋଚ ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।

୦୯. ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ Mining Plan ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ବ୍ୟାଜ୍ୟାପ୍ତ କରାଯିବ ।

୧୦. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୱ ହାସଲ କରିବେ ।

୧୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି କୁ ବ୍ୟାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ରହିଅଛି ।

୧୨. ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରିକରି ସେଥିରେ ସଇରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନର ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେବାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନପାଇବା ପର୍ଯ୍ୟନ୍ତ କୌଣସି ଲିଜଧାରୀ କୌଣସି ସଇରାତ ଉତ୍ସରୁ ଖଣିଜ ଉଠାଇ ପାରିବେ ନାହିଁ ।

୧୪. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହାର ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୫. ଜମା ରୟାଲଟି ୨% (ଦୁଇ ପ୍ରତିଶତ) ଲିଜଧାରୀ ଆୟକର ବାବଦକୁ ଚାଲାଣ ଆକାରରେ ଜମକରିବେ ।

୧୬. ଜମା ରୟାଲଟି ୧୦% (ଦଶ ପ୍ରତିଶତ) ଲିଜଧାରୀ ଜିଲ୍ଲା ଚେୟାରମେନ, ଜିଲ୍ଲା ମିନାରାଲ ଫାଉଣ୍ଡସନ ଫଣ୍ଡ ବାବଦକୁ ଜମା କରିବେ ।

୧୭. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବେ ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।

୧୮. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନହେଲେ ତତ୍ପରବର୍ତୀ ଆବେଦନକାରୀ ଙ୍କୁ ସୁଯୋଗ ଦିଆଯିବ ।

୧୯. ସରକାରୀ ରୟାଲଟି ଧାର୍ଯ୍ୟ ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ମାନଙ୍କର Form-A ଖାରଜ କରାଯିବ ।

୨୦. କୌଣସି ଆବେଦନକାରୀ / ଲିଜଧାରୀ କୌଣସି ନିୟମ ଖିଲାପ କଲେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସେ ସମ୍ପର୍କ ରେ ଅନଭିଜ୍ଞ ଥିବାର କୌଣସି ଯୁକ୍ତି କିମ୍ବା ଆବେଦନ ଗ୍ରହଣୀୟ ନୁହଁ ।

**ତହସିଲଦାର ଙ୍କ କାର୍ଯ୍ୟାଳୟ , ଟିକାବାଲି ୨୦୧୮ -୧୯ ମସିହା ନିମନ୍ତେ ଉତ୍ସର ବିବରଣୀ**

**ଜମି ଅନୁସୂଚୀ**

| କ୍ର. ନମ୍ବର | ମୌଜା | ଉତ୍ସର ନାମ | ସୟରାତ ଉତ୍ସର ନାମ | | | | ସଇରାତ ଉତ୍ସର ପ୍ରକାର | ସର୍ବନିମ୍ନ ରୟାଲଟି ମୂଲ୍ୟ (କ୍ୟୁ. ମି . ପ୍ରତି) |
|---|---|---|---|---|---|---|---|---|
| | | | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା (ହେକ୍ଟର ) | | |
| ୦୧ | ପଧାନପଡା | ପଧାନପଡା, ବାଲି ଖାଦାନ | ୨୬୪ | ୯୮୪ | ନଦୀ | ହେ ୫.୦୦୦ଆର | ବାଲି | ଟ ୩୫.୦୦ |
| | **ମୋଟ** | | | | | **ହେ ୫.୦୦୦ଆର** | | |
| ୦୨ | ଗୁଇଟଣା | ଗୁଇଟଣା/ ନାଗିରିଗୁଡାରି, ବାଲି ଖାଦାନ | ୨୯ | ୧ | ନଦୀ | ହେ ୧.୮୩୦ ଆର | ବାଲି | ଟ ୩୫.୦୦ |
| | ନାଗିରିଗୁଡାରି | | ୫୫ | ୪୨୦ | ନଦୀ | ହେ ୧.୪୭୦ ଆର | | |
| | ନାଗିରିଗୁଡାରି | | ୫୫ | ୩୪୮ | ନଦୀ | ହେ ୦.୯୭୬ ଆର | | |
| | କଇଁଝର | | ୨୯୦ | ୧୮୧୭/ ୧୯୫୫ | ନଦୀ | ହେ ୦.୮୮୦ ଆର | | |
| | **ମୋଟ** | | | | | **ହେ ୫.୧୫୬ ଆର** | | |

୦୮.୧୧.୧୮

**ତହସିଲଦାର, ଟିକାବାଲି**

ଜ୍ଞାପକ ସଂଖ୍ୟା ୨୮୩୯ ତାରିଖ- ୦୮.୧୧.୧୮

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ଟିକାବାଲି/ ଥାନା ଭାର ପ୍ରାପ୍ତ ଅଧିକାରୀ, ଟିକାବାଲି/କନ୍ଧମାଳ ଜିଲ୍ଲାର ଅନ୍ୟ ସମସ୍ତ ତହସିଲଦାର ଙ୍କୁ ପ୍ରେରଣ କରାଯାଇ ବହୁଳ ପ୍ରଚାର ନିମନ୍ତେ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ଟଙ୍ଗାଇବାକୁ ଅନୁରୋଧ କରାଗଲା ।

ତହସିଲଦାର, ଟିକାବାଲି

ଜ୍ଞାପକ ସଂଖ୍ୟା ୨୮୪୦ ତାରିଖ- ୦୮.୧୧.୧୮

ଏହାର ଏକକିତା ନକଲ ଟିକାବାଲି ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ ସରପଞ୍ଚଙ୍କୁ ପ୍ରେରଣ କରାଯାଇ ବହୁଳ ପ୍ରଚାର ନିମନ୍ତେ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ଟଙ୍ଗାଇବାକୁ ଅନୁରୋଧ କରାଗଲା ।

ତହସିଲଦାର, ଟିକାବାଲି

ଜ୍ଞାପକ ସଂଖ୍ୟା ୨୮୪୧ ତାରିଖ- ୦୮.୧୧.୧୮

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରିକ୍ଷକ ଏବଂ ରାଜସ୍ୱ ପରିଦର୍ଶକ, ଟିକାବାଲି ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଟିକାବାଲି

ଜ୍ଞାପକ ସଂଖ୍ୟା ୨୮୪୨ ତାରିଖ- ୦୮.୧୧.୧୮

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ବାଲିଗୁଡା / ଉପଜିଲ୍ଲାପାଳ, ଫୁଲବାଣୀ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଟିକାବାଲି

ଜ୍ଞାପକ ସଂଖ୍ୟା ୨୮୪୩ ତାରିଖ- ୦୮.୧୧.୧୮

ଏହାର ଏକକିତା ନକଲ ଜିଲ୍ଲାପାଳ, କନ୍ଧମାଳ / ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଟିକାବାଲି

ଜ୍ଞାପକ ସଂଖ୍ୟା ୨୮୪୪ ତାରିଖ- ୦୮.୧୧.୧୮

ଏହାର ଏକକିତା DIO, NIC, Kandhamal ଙ୍କୁ www.kandhamal.nic.in ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଅପ ଲୋଡ କରି ପ୍ରସାର କରିବା ପାଇଁ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

ତହସିଲଦାର, ଟିକାବାଲି

ଜ୍ଞାପକ ସଂଖ୍ୟା ୨୮୪୫ ତାରିଖ- ୦୮.୧୧.୧୮

ଏହାର ଏକକିତା ନକଲ ଅତ୍ର କାର୍ଯ୍ୟାଳୟ ର ବିଜ୍ଞାପନ ଫଳକ ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇ ଦିଆଗଲା ।

ତହସିଲଦାର, ଟିକାବାଲି